# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 19th August – 2026

************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ସମେତ ୪ଟି ରାଜ୍ୟରେ ରେଳ ଯୋଗାଯୋଗର ବିକାଶପାଇଁ ୪ଟି ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ।

— ଏହା ଯାତାୟତ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ବ୍ୟବସାୟ ଓ ପର୍ଯ୍ୟଟନକୁ ନୂତନ ଗତି ଦେବ; କହିଲେ ପ୍ରଧାନମନ୍ତ୍ରୀ ।

- କଟକ ଏସ୍.ସି.ବି. ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ର ଭିତ୍ତିଭୂମି ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

- ବିଭିନ୍ନ ଆୟବର୍ଗର ଲୋକଙ୍କପାଇଁ ସୁଲଭ ଆବାସ ସୁବିଧା ଉପରେ ସରକାରଙ୍କ ଗୁରୁତ୍ୱ ।

ଏବଂ

- ଅବପାତର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ।

— ଯାଜପୁର ଓ ଭଦ୍ରକ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ ।

# କେନ୍ଦ୍ର କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ରେଳ ସହ ସମ୍ପର୍କିତ ପ୍ରାୟ ୯ ହଜାର ୪୫୦ କୋଟି ଟଙ୍କା ମୂଲ୍ୟର ୪ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି । ପ୍ରଧାନମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, ଏହାଦ୍ୱାରା ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଓ ପଶ୍ଚିମବଙ୍ଗରେ ରେଳ ଭିତ୍ତିଭୂମି ଓ ସଂଯୋଗ ବ୍ୟବସ୍ଥା ବିକଶିତ ହେବ । ଏଥିରେ ଲକ୍ଷ ଲକ୍ଷ ଲୋକ ଲାଭାନ୍ୱିତ ହେବା ସହ ଯାତାୟତ ବ୍ୟବସ୍ଥା ସୁଦୃଢ଼ ହେବ ଏବଂ ବ୍ୟବସାୟ ଓ ପର୍ଯ୍ୟଟନକୁ ମଧ୍ୟ ନୂତନ ଗତି ମିଳିବ ବୋଲି ଶ୍ରୀ ମୋଦି କହିଛନ୍ତି ।

ପ୍ରସ୍ତାବିତ ପ୍ରକଳ୍ପରେ ୭୫ କିଲୋମିଟର ପର୍ଯ୍ୟନ୍ତ ଭଦ୍ରକ-ହରିଦାସପୁର ଚତୁର୍ଥ ଲାଇନ, ୭୨ କିଲୋମିଟର ପର୍ଯ୍ୟନ୍ତ କଟକ-ପାରାଦ୍ୱୀପ (ବଡ଼ବନ୍ଧ) ତୃତୀୟ ଓ ଚତୁର୍ଥ ଲାଇନ୍ ଏବଂ ୧୭୩ କିଲୋମିଟର ପର୍ଯ୍ୟନ୍ତ ଖଡଗପୁର-ଭଦ୍ରକ (ରାଣୀତାଲ) ଚତୁର୍ଥ ଲାଇନକୁ ମଞ୍ଜୁରି ମିଳିଛି । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନାର ଅଂଶବିଶେଷ । ଏହାର ଲକ୍ଷ୍ୟ ହେଉଛି ବ୍ୟାପକ ବିକାଶ ମାଧ୍ୟମରେ ଲୋକଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା । ପ୍ରସ୍ତାବିତ ପ୍ରକଳ୍ପଦ୍ୱାରା ଓଡ଼ିଶାର କୁଲ୍‌ଡିହା ବନ୍ୟପ୍ରାଣୀ ଅଭୟାରଣ୍ୟ, ଭିତରକନିକା ଜାତୀୟ ଉଦ୍ୟାନ, ମା’ ଭଦ୍ରକାଳୀ ମନ୍ଦିର, ଚାନ୍ଦିପୁର ବେଳାଭୂମି ଆଦି ପର୍ଯ୍ୟଟନ ସ୍ଥଳୀକୁ ରେଳ ଯୋଗାଯୋଗରେ ସୁଧାର

ଆସିବ । ଏହି ୪ଟି ପ୍ରକଳ୍ପ ଭାରତୀୟ ରେଳବାଇର ନେଟ୍‌ୱାର୍କକୁ ପ୍ରାୟ ୪୧୦ କିଲୋମିଟର ପର୍ଯ୍ୟନ୍ତ ବିସ୍ତାର କରିବ । ଏହାସହ ୬ ହଜାର ୪୨୮ ଗ୍ରାମରେ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ ହେବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

***Voice (Baishnav)*** :........

କେନ୍ଦ୍ର କ୍ୟାବିନେଟ୍‌ର ଏହି ନିଷ୍ପତ୍ତିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

***Desk***

# ମୁଖ୍ୟମନ୍ତ୍ରୀ - ସମୀକ୍ଷା ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଏସ୍.ସି.ବି. ମେଡ଼ିକାଲ୍ କଲେଜ ଏବଂ ହସ୍ପିଟାଲ୍‌ରେ ଚାଲିଥିବା ବିକାଶ ଏବଂ ଭିତ୍ତିଭୂମି ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବୈଠକରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି, ଚିକିତ୍ସା ସେବାର ସୁଦୃଢ଼ୀକରଣ ଏବଂ ରୋଗୀସେବାରେ ଉନ୍ନତି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଆସନ୍ତା ଡିସେମ୍ବର ମାସରେ ଏସ୍.ସି.ବି.ର ନୂତନ ଅଟ୍ଟାଳିକା ଉଦ୍‌ଘାଟନ ସହ ଜାନୁୟାରୀ ମାସରୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ । ଦ୍ୱିତୀୟ କ୍ୟାମ୍ପସ୍‌ରେ ନୂତନ ଦ୍ୱିତୀୟ ଭେଷଜ ବିଭାଗ କାର୍ଯ୍ୟ କରିବ ବୋଲି ଶ୍ରୀ ମାଝୀ କହିଛନ୍ତି । ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ଅନୁ

ଗର୍ଗ ଓ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେ ସିନ୍ଦେ ପ୍ରମୁଖ ଉପସ୍ଥିତ ଥିଲେ ।

*Desk*

# ଘରୋଇ ହିଂସା

ଭୁବନେଶ୍ୱରସ୍ଥିତ ରାଜ୍ୟ ସମ୍ମିଳନୀ କେନ୍ଦ୍ରଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଘରୋଇ ହିଂସା ଏବଂ ଯୌତୁକ ନିରୋଧ ଆଇନ ଉପରେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଯୌତୁକମୁକ୍ତ ଓଡ଼ିଶା ଏବଂ ହିଂସାମୁକ୍ତ ଘର ଗଠନ ସରକାରଙ୍କ ଲକ୍ଷ୍ୟ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି । ଅଧିକାର ସମ୍ପର୍କରେ ସଚେତନତା ହିଁ ମହିଳା ସଶକ୍ତୀକରଣର ମୂଳଦୁଆ ବୋଲି ମନ୍ତ୍ରୀ କହିଛନ୍ତି । ଆଇନଗତ ପ୍ରାବଧାନ, ବିଭିନ୍ନ ଅଂଶୀଦାରଙ୍କ ଭୂମିକା ଓ ଉତ୍ତରଦାୟିତ୍ୱ  ଏବଂ ଘରୋଇ ହିଂସା ଓ ଯୌତୁକଜନିତ ଅପରାଧ କ୍ଷେତ୍ରରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା । ଘରୋଇ ହିଂସାର ସମ୍ମୁଖୀନ ହେଉଥିବା ମହିଳାମାନଙ୍କ ସମୟସୀମା ମଧ୍ୟରେ ସୁରକ୍ଷା, ଆଇନଗତ ସହାୟତା ମିଳିବା ନେଇ ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ଶ୍ରୀମତୀ ପରିଡ଼ା ପରାମର୍ଶ ଦେଇଥିଲେ ।

*Desk*

# ସହରାଞ୍ଚଳ - ବୈଠକ

ଭୁବନେଶ୍ୱର ଖାରବେଳ ଭବନ ସମ୍ମିଳନୀ କକ୍ଷରେ ନଗର ଉନ୍ନୟନ ଓ ସହରାଞ୍ଚଳରେ ଗମନାଗମନ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବୈଠକରେ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଛନ୍ତି । ଏହାସହ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା, ସହରାଞ୍ଚଳରେ ଗମନାଗମନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଓ ବରାଦ କରାଯାଇଥିବା ଅର୍ଥର ସୁବିନିଯୋଗ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି । ବୈଠକ ପରେ ମନ୍ତ୍ରୀ କହିଛନ୍ତି, ବିଭିନ୍ନ ଆୟ ବର୍ଗର ଲୋକଙ୍କପାଇଁ ସରକାର ସୁଲଭ ଆବାସ ସୁବିଧା ଉପରେ ଗୁରୁତ୍ୱ ଦେଉଛନ୍ତି । ସବୁ ବର୍ଗଙ୍କପାଇଁ ନୂତନ ଆବାସ ମଡେଲ୍ ବିକଶିତ କରିବା ସହ ସହରାଞ୍ଚଳବାସୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭଡ଼ା ଆବାସ ବ୍ୟବସ୍ଥା ନେଇ ବୈଠକରେ ଆଲୋଚନା ହୋଇଥିଲା ।

*Desk*

# ଅବକାରୀ - ପ୍ରଶିକ୍ଷଣ

ନିଶାମୁକ୍ତ ଭାରତ ଗଠନପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ

କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବିଭାଗର କର୍ମଚାରୀଙ୍କ ଏକ ୪୦ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ଏହି ପ୍ରଶିକ୍ଷଣରେ ଅବକାରୀ ଆଇନ ଓ ନିୟମ, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ, ଏନ୍.ଡି.ପି.ଏସ୍. ଆଇନ ଓ ସରକାରୀ କର୍ମଚାରୀ ଆଚରଣ ନିୟମ ଆଦି ସମ୍ପର୍କରେ ତାଲିମ ପ୍ରଦାନ କରାଯିବ । ବେଆଇନ ନିଶା ଓ ମାଦକ ଦ୍ରବ୍ୟ କାରବାରକୁ ରୋକିବା ଏବଂ ନିୟମିତ ଚଢ଼ାଉ କରିବା ଦିଗରେ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଗତ ୨ ବର୍ଷ ମଧ୍ୟରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ଅଧିକ ବ୍ୟାପକ କରି ଓଡ଼ିଶାକୁ ବେଆଇନ ନିଶାମୁକ୍ତ ରାଜ୍ୟ ଭାବେ ଗଢ଼ିତୋଳିବାପାଇଁ ସରକାର ସଙ୍କଳ୍ପବଦ୍ଧ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି ।

***Desk, Bhadrak/R***

## ଉଚ୍ଚଶିକ୍ଷା ମନ୍ତ୍ରୀ – ବନ୍ୟାଞ୍ଚଳ

ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ୟାସ୍ଥିତି ଲାଗିରହିଛି । ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବା ପରେ ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା ଆଦି ଜିଲ୍ଲାର ତଳିଆ ଅଞ୍ଚଳର ଜନସାଧାରଣ ପ୍ରଭାବିତ ହୋଇଛନ୍ତି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍ କସପାଠାରେ କାଣୀ ନଦୀ ଘାଇ ବୁଲି ପରିସ୍ଥିତିର ଅନୁଧ୍ୟାନ

କରିଛନ୍ତି । ଏଥିସହିତ ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରି ଯୁଦ୍ଧକାଳୀନ ଭିତ୍ତିରେ ଘାଇ ମରାମତି କରିବା ଓ ନଦୀବନ୍ଧକୁ ସୁଦୃଢ଼ କରିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଭାବିତ ଜନସାଧାରଣଙ୍କୁ ସମସ୍ତ ପ୍ରକାର ଆବଶ୍ୟକ ସହାୟତା ଯୋଗାଇଦେବାପାଇଁ ସରକାର ଓ ପ୍ରଶାସନ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ବୋଲି ଶ୍ରୀ ସୂରଜ କହିଛନ୍ତି ।

ଏଥିସହିତ ମନ୍ତ୍ରୀ ଶ୍ରୀ ସୂରଜ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍‌ର ଖଡ଼ିପଦା, ଶୋହଡ଼ା ଆଦି ବିଭିନ୍ନ ପଞ୍ଚାୟତରେ ପହଞ୍ଚି ବନ୍ୟାସ୍ଥିତି ଅନୁଧ୍ୟାନ କରିବା ସହ ଚାଷୀ ଓ ଲୋକଙ୍କ ସହିତ ଆଲୋଚନା କରିଛନ୍ତି । ବନ୍ୟା ବିପନ୍ନଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇ ଦେବାକୁ ସରପଞ୍ଚ ଓ ଜିଲ୍ଲା ପ୍ରଶାସନ ଅଧିକାରୀଙ୍କୁ ମନ୍ତ୍ରୀ ଶ୍ରୀ ସୂରଜ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାର ପ୍ରମୁଖ ନଦୀଗୁଡ଼ିକରେ ବନ୍ୟା ଆସିଥିବାରୁ ଶତାଧିକ ଗ୍ରାମପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି ।

***Ganjam/R***

# ଗୃହ କମିଟି

ରାଜ୍ୟ ବିଧାନସଭାର ଗୃହ କମିଟି (ଉପସ୍ଥାପନ) ଆସନ୍ତାକାଲି ଗଞ୍ଜାମ ଜିଲ୍ଲା ଗସ୍ତରେ ଯିବେ । କମିଟିର ଅଧ୍ୟକ୍ଷ ତଥା ବିଧାୟକ ଲକ୍ଷ୍ମଣ ବାଗ୍‌ଙ୍କ ନେତୃତ୍ୱରେ ସଦସ୍ୟମାନେ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପରିଦର୍ଶନ କରିବା ସହିତ ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ଓ ଜିଲ୍ଲାସ୍ତରୀୟ

ଅଧିକାରୀଙ୍କ ସହ ଆଲୋଚନା କରିବେ । କମିଟି ସଦସ୍ୟମାନେ ଋଷିକୁଲ୍ୟା ନଦୀ ଉପରେ ନିର୍ମିତ ଚେକ୍‌ଡ୍ୟାମ୍, ବିଭିନ୍ନ ଜଳସେଚନ ପ୍ରକଳ୍ପ ମଧ୍ୟ ପରିଦର୍ଶନ କରିବେ ବୋଲି ଜଣାପଡ଼ିଛି ।

*Rayagada/R*

## ଭୀମଭୋଇ ସାମର୍ଥ୍ୟ ଶିବିର

ରାୟଗଡ଼ା ଜିଲ୍ଲା ପ୍ରଶାସନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗଦ୍ୱାରା ପଦ୍ମପୁରଠାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଛି । ଶିବିରରେ ୨୪୪ ଜଣ ଭିନ୍ନକ୍ଷମଙ୍କର ପଞ୍ଜୀକରଣ କରାଯାଇ ବିଭିନ୍ନ ସହାୟତା ଯନ୍ତ୍ର ପ୍ରଦାନ କରାଯାଇଛି ।

*Ganjam/R*

## ରାଷ୍ଟ୍ରୀୟ ଲୋକ ଅଦାଲତ

ବ୍ରହ୍ମପୁରସ୍ଥିତ ସିଭିଲ୍ କୋର୍ଟ ପରିସରରେ ଆସନ୍ତାମାସ ୧୨ ତାରିଖରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଜନସାଧାରଣ ଏହାର ସୁଯୋଗ ନେବାପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ କୁହାଯାଇଛି ।

*Nabarangpur/R*

# ଯୋଜନା ବୋର୍ଡ଼ ବୈଠକ

ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁର ନିର୍ବାଚନ ମଣ୍ଡଳୀର ଉନ୍ନୟନ କମିଟି ବୈଠକ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଗୌରୀଶଙ୍କର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗଦ୍ୱାରା ଜାରି ରହିଥିବା ଉନ୍ନୟନମୂଳକ କାର୍ଯ୍ୟ, ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ, ଭିତ୍ତିଭୂମି ବିକାଶ ସମ୍ପର୍କରେ ସମୀକ୍ଷା ଓ ଆଲୋଚନା କରାଯାଇଥିଲା ।

*Boudh, Nuapada, Kendrapada, Ganjam/R*

# ଏଥର ଶୁଣନ୍ତୁ କିଛି ଖବର ସଂକ୍ଷେପରେ....

ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ’ ଚାଷୀ ପଞ୍ଜୀକରଣ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି । ଏହି ରଥ ବିଭିନ୍ନ ଗ୍ରାମ ପରିକ୍ରମା କରି ଖରିଫ୍ ଋତୁରେ ଧାନ ଫସଲର ପଞ୍ଜୀକରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବ ।

ନୂଆପଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନଜୀବୀଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ।

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ରାମନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜାତୀୟସ୍ତରୀୟ କୃମିରୋଗ ନିରୀକ୍ଷଣ ଓ ନିରାକରଣ କାର୍ଯ୍ୟକ୍ରମ ଅଧୀନରେ ଶିଶୁଙ୍କ ବିଭିନ୍ନ ନମୁନାର ପରୀକ୍ଷା କରାଯାଇଛି ।

ଗଞ୍ଜାମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ପ୍ରଶାସନ ଓ ମିଲିଟାରୀ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।

***Desk***

# ପାଣିପାଗ

ଝାଡ଼ଖଣ୍ଡ ଓ ତତ୍‌ସଂଲଗ୍ନ ଉତ୍ତର ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଅଞ୍ଚଳରେ ଅବପାତ ସକ୍ରିୟ ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି।  ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

******